# Akashvani, Sambalpur

# SAMBALPURI NEWS BULLETIN

## 13 October 2024- 6.47- 6.52 am.

**********************************************

ଦୁର୍ଗାପୂଜା-ବିଜୟାଦଶ୍‌ମୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ଶକ୍ତିପୀଠମାନ୍‌କେ ଗଲାକାଏଲ୍ ଦଶ୍‌ମୀ ପୂଜା ହେଇଥିବାର୍ ବେଲେ ଗାଁନୁ ସହର୍‌ତକ୍ ମଣ୍ଡପ୍‌ମାନ୍‌କେ ଆଏଜ୍ ଦଶ୍‌ମୀ ପୂଜା କରାଯାଉଛେ ।

ବିଜୟା ଦଶ୍‌ମୀ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ବିଜୟା ଦଶ୍‌ମୀର୍ ଶୁଭେଚ୍ଛା ଜନେଇଛନ୍ । ଗଲାକାଏଲ୍ ରାଷ୍ଟ୍ରପତି ଆର୍ ପ୍ରଧାନ୍‌ମନ୍ତ୍ରୀ ନୂଆଦିଲ୍ଲୀର୍ ଲାଲ୍‌କିଲ୍ଲା ପଡ଼ିଆ ନ ହେଇଥିବା ରାବଣ୍‌ପୁଡ଼ି କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇଥିଲେ ।

ଦଶ୍‌ମୀ   ଆର୍‌ଏନ୍‌ୟୁ / ସମ୍ବଲପୁର

ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ଆଗମନ୍‌ଥି ଗାଁ ନୁ ସହର୍ ଉସବ୍‌ମୁଖର୍ ହେଇଛେ । ଦୁର୍ଗତିନାଶିନୀଙ୍କର୍ ଆବାହନ୍‌ଥି ରାଜ୍ୟର୍ ପୂଜା ମଣ୍ଡପ୍ ମାନ୍‌କେ ଆଏଜ୍ ଦଶ୍‌ମୀ ପୂଜା ରୀତିନୀତି ସହେତେ କରାଯାଉଛେ । ଗଲାକାଏଲ୍ ଶକ୍ତିପୀଠମାନ୍‌କେ ଦଶ୍‌ମୀ ପୂଜା ହେଇଥିଲା । ସମ୍ବଲ୍‌ପୁର୍ ନ ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ରଣଜୀତା ଉସବ୍ ହେଇଥିବାର୍ ବେଲେ ଅଇଁଠାପାଲି ପିଏଚ୍‌ଡ଼ି ପଡ଼ିଆ ନ ହେଇଥିବାର୍ ରାବଣ୍‌ପୁଡ଼ି ଉସବ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମିଲ୍ ହେଇଥିଲେ ।

ପୁରୀ ଶ୍ରୀମନ୍ଦିର୍- ଦଶ୍‌ରା ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଦଶ୍‌ରା - ବିଜୟା ଦଶ୍‌ମୀ ପୂଜା ହେଉଛେ । ଶ୍ରୀଜୀଉମାନେ ସୁନାବେଶ - ରାଜରାଜେଶ୍ୱର ବେଶଥି ସଜେଇ ହେଇକରି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ଅବକାଶ ନୀତି ଉତ୍‌ରୁ ମାହାପୁରୁମାନ୍‌କୁ ଚନ୍ଦନ୍ ଆର୍ ନୂଆଁ କପ୍‌ଡ଼ା ଲାଗି ସାଙ୍ଗେ ସୁନା ଅଲଙ୍କାରଥି ସଜାଯିବା । ଶ୍ରୀମନ୍ଦିର୍ ନ ଆଏଜ୍ ଭିଲ୍ ଆୟୁଧ ପୂଜା ନୀତି ହେବା ।

ମୁଖ୍ୟମନ୍ତ୍ରୀ- ପୂଜା ମଣ୍ଡପ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ କେନ୍ଦୁଝର୍ ଗସ୍ତ ନ ପୁହୁଁଚିଥିବାର୍ ବେଲେ ତାକର୍ ନିଜର୍ ଗାଁ ରାଇସୁଆଁକେ ଯିବେ । ମୁଖ୍ୟମନ୍ତ୍ରୀ ଆଏଜ୍ ଝୁମ୍ପୁରା, ସୁନାରୀପୋଷି ଆର୍ ଉଖୁଣ୍ଡା ନ ପୁଜାମଣ୍ଡପ୍‌ଥି ଦେବୀଙ୍କର୍ ଦର୍ଶନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଆର୍‌ଏସ୍‌ଏସ ଆର୍‌ଏନ୍‌ୟୁ /ସମ୍ବଲପୁର

ପୁର୍‌ଥି ନ ଭାରତ୍‌ର ପ୍ରତିଷ୍ଠା ବଢ଼୍‌ବାର୍‌କେ ଲାଗିଛେ ଆର୍ ଦେଶ୍ ବିକାଶ୍‌ର ବାଟେ ଆଗ୍‌କେ ବଢୁଛେ ବଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ - ଆର୍‌ଏସ୍‌ଏସ୍‌ର ସରସଂଘଚାଳକ ମୋହନ୍ ଭାଗ୍‌ବତ୍ କହିଛନ୍ । ଆର୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ୍ ଅବ୍‌ସରେ ଗଲାକାଏଲ୍ ମହାରାଷ୍ଟ୍ରର୍ ନାଗ୍‌ପୁର୍ ଠାନେ ଥିବା ସଂଗଠନ୍‌ର ମୁଖ୍ୟ କାର୍ଯ୍ୟାଳୟ ନ ସ୍ୱୟଂସେବକ ମାନ୍‌କୁ ସମ୍ବୋଧିତ୍ କରିକରି ସେ କହିଛନ୍ ଯେ, ୧୯୨୫ ମସିହାର୍ ବିଜୟା ଦଶ୍‌ମୀ ତିଥିଥି ରାଷ୍ଟ୍ର ନିର୍ମାଣ ଆର୍ ଜନସେବା ଲକ୍ଷ୍ୟକେ ନେଇକରି ଆର୍‌ଏସ୍‌ଏସ୍‌ର ଥାପ୍‌ନା ହେଇଥିଲା । ସେ ଆହୁରି କହିଛନ୍ ଯେ, ସମାଜ୍‌ର ବିବିଧତାକେ ଭିନ୍ନତା ହିସାବେ ବଦ୍‌ଲେଇକରି

ଗଣ୍ଡଗୋଲିଆ ଥିତି କର୍‌ବାର୍‌କେ କିଛି ବିଦେଶୀ ଶକ୍ତି ଚେରେଷ୍ଟା କରୁଛନ୍ । ହେତାର୍ ହେ ବାବ୍‌ଦେ ସଭେ ସଚେତନ୍ ରହେବାର୍‌କେ ସରସଂଘଚାଳକ ଆହ୍ୱାନ୍ ଦେଇଛନ୍ । ସେଆଡ଼େ ଥାପ୍‌ନାର୍ ୯୯ ବଛର୍ ପୁରିକରି ଆର୍‌ଏସ୍‌ଏସ୍ ଶହେ ବଛର୍‌ଥି ପାଦ୍ ଥାପିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂଗଠନ୍‌ର ସ୍ୱୟଂସେବକମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ ।

ବର୍‌ଗଡ଼୍ ଦଶ୍‌ରା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲାର୍ ଶକ୍ତିପୀଠମାନ୍‌କୁ ଗଲାକାଏଲ୍ ଦଶ୍‌ମୀ ପୂଜା ହେଇଥିବାର୍ ବେଲେ ହାଟ୍‌ପଦା ନ ରାବଣ୍‌ପୁଡ଼ି ଉସ୍ତବ୍ ହେଇଥିଲା । ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ହେଥି ସାମିଲ୍ ହେଇଥିଲେ । ସେନ୍ତା ବର୍‌ଗଡ଼୍ ଜିଲ୍ଲାର୍ କୁରୁଆଁ ନ ଥିବାର୍ ଉମା ମାହେଶ୍ୱରୀ ପୀଠ ନ ପୁଓଁଜିଉଁତିଆନୁ ଚାଲିଥିବା ଷୁଲ୍‌ହ ପୂଜା ଗଲାକାଏଲ୍ ବିସର୍ଜନ୍ ହେଇଛେ । ଇ ଅବ୍‌ସରେ ଦଁତା ନଦୀ ଖଁଡ଼ି ମା ମାହେଶ୍ୱରୀ ବାଉଟି, ବୁଢ଼ାରଜା, ଦୁର୍ଗା, ନାରାୟଣୀ, ଖମ୍ମେଶରୀ, ଭୁବନେଶ୍ୱରୀ, ପରମେଶ୍ୱରୀ, ଭଗବତୀ, ଦଶମତୀଙ୍କର୍ ସହେତେ ୩୩ କୋଟି ଦେ’ଦେବ୍‌ତାଙ୍କର୍ ସନ୍ଧିପୂଜା ହେଇଥିଲା । ନଦୀ ନ ମା’ଙ୍କର୍ ସାଲ୍‌କାସ୍ନାନ କରାଯାଇଥିଲା ।

ଫିର୍ଲା ବାଟେ ଗାଁ ମୁଡ଼୍ସା ନ ମା ମାହେଶ୍ୱରୀ, ସୁରାପାନ କରିଥିବାର୍ ବେଲେ ସାଲ୍କାବାଡ଼ି ଗାଁ କରିକ୍ରମା କରିଥିଲା । ଅତାବିରା ବ୍ଲକ୍ର ପୋଡ଼ବାଡ଼ି ଆର୍ ଭେଡ଼େନ୍ ବ୍ଲକ୍ର ଲୁପୁର୍ସିଂହା ନ ଥିବା ମାହେଶ୍ୱରୀ ପୀଠ ନ ଭିଲ୍ ଷୁଲ୍ହ ପୂଜା ବିସର୍ଜନ୍ ହେଇଛେ । ଭଟଲି ବ୍ଲକ୍ର କମ୍ଗାଁର୍ ରଣେଶ୍ୱର୍ ରାମଚଣ୍ଡୀ ପୀଠ ନ ଭିଲ୍ ଦଶ୍ରାପୂଜା ଉଦ୍ଯାପିତ୍ ହେଇଯାଇଛେ । ଝାର୍ବନ୍ଧ୍ ବ୍ଲକ୍ର ବଡ଼ଅନ୍କି ନ ଥିବାର୍ ବିନ୍ଧ୍ୟବାସିନୀ ପୀଠ ନ ଦଶ୍ରା ଅବ୍ସରେ ୧୨ ଭାଇ ବେଂଟକାର୍ମାନ୍କର୍ ଚାନଟିପା ଆର୍ କର୍ମା ନାଚ୍ ହେଇଥିଲା ।

ପିଏମ୍ ଇଂଟର୍ନସିପ୍ ଯୋଜ୍ନା        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ଇଂଟର୍ନସିପ୍ ଯୋଜ୍ନାର୍ ଆବେଦନ୍ ପ୍ରକ୍ରିୟା ଗଲାକାଏଲ୍ନୁ ମୁଲ୍ ହେଇଛେ । ଇଚ୍ଛୁକ ପ୍ରାର୍ଥୀମାନେ ଇ ମାସର୍ ୨୫ ତାରିଖ୍ତକ୍ www.pminternship.mca.gov.in ପୋର୍ଟାଲ୍ ଜରିଏ ଆବେଦନ୍ କରିପାର୍ବେ । ଇ ଇଂଟର୍ନସିପ୍ କାର୍ଯ୍ୟକ୍ରମ୍ର ସମିଆ ୧୨ ମାସ୍ ଧାରିଜ୍ କରାଯାଇଛେ । ୨୧ ନୁ ୨୪ ବରସ୍ ବୟସ ବର୍ଗର୍ ୧ କୋଟି ପ୍ରାର୍ଥୀଙ୍କୁ ୫ ବରସ୍ ଭିତ୍ରେ ଇଂଟନ୍ସିପ୍

ୟୁଗେଇ ଦେବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇ ଯୋଜ୍‌ନା ଅଧୀନ୍‌ଥି ପ୍ରାର୍ଥୀମାନ୍‌କୁ ମାସ୍‌କ ୫ ହଜାର୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ଦିଆୟିବା । ଇତାର୍ ବାହାରେ ଇଂଟର୍ନସିପ୍ ଜାଗା ନ ଯୋଗ୍ ଦେବାର୍ ଉତ୍‌ରୁ ଫି’ ପ୍ରାର୍ଥୀଙ୍କୁ କର୍ପୋରେଟ୍ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଆନୁସାଙ୍ଗିକ କାର୍ଯ୍ୟ ଲାଗି ଏକମୁସ୍ତ୍ କରି ୬ ହଜାର୍ ଟଙ୍କା ଦେବାର୍ ବ୍ୟବସ୍ଥା କରାଯାଇଛେ । ୫ ବରସ୍ ଭିତ୍‌ରେ ଶ୍ରେଷ୍ଠ ୫ ଶହ କମ୍ପାନୀ ୧ କୋଟି ୟୁବବର୍ଗଙ୍କୁ ଇ ଯୋଜ୍‌ନାଥି ସାମିଲ୍ କର୍‌ବାର୍ ଲକ୍ଷ୍ୟ ରଖିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ କଟକ୍

ଦୁର୍ଗପୂଜା ଭସାଣି ଆର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ସର୍‌କାରୀ କାମ୍ ଥିବାର୍‌ନୁ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତିଥି କୁହାଯାଇଛେ ।

ଜରୁରୀକାଲୀନ ଗର୍ଭନିରୋଧକ ବଟିକା ଆର୍‌ଏନ୍‌ୟୁ /ସମ୍ବଲପୁର

ଜରୁରୀକାଲୀନ ଗର୍ଭନିରୋଧକ ବଟିକା - ଇସିପିର ବଜାର୍‌ଥି ବିକ୍ରିକେ ନେଇକରି ସିଡ଼ିଏସ୍‌ସିଓ ନିୟମ୍‌ଥି ପ୍ରସ୍ତାବିତ୍ ପରିବର୍ତ୍ତନ୍‌କେ ନେଇକରି ଗଣମାଧ୍ୟମ୍‌ଥି ବାହାରିଥିବା ଖବର୍ ବାବ୍‌ଦେ ସ୍ୱଷ୍ଟିକରଣ୍ ଦିଆଯାଇଛେ । ଇସିପିର ଆଇ. ପିଲ୍ କି ଅନ୍‌ୱାଂଟେଡ଼୍ -ସେଭେନ୍‌ଟି ଟୁ ଉଷୋକେ ଅଣପ୍ରେସ୍‌କିପ୍‌ସନ୍‌ନୁ ପ୍ରେସ୍‌କିପ୍‌ସନ୍ ବର୍ଗକେ ବଦ୍‌ଲାବାର୍ କେହେନି ପ୍ରସ୍ତାବ୍ ନାଇଁନ ବଲି ସ୍ୱଷ୍ଟ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଆଏବା ଦିନେ/ ଦୁଇଦିନ୍ ଭିତ୍‌ରେ ରାଏଜ୍‌ରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଫିର୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଗଲା କିଛି ଦିନ୍ ହେଲା ରାଏଜେ ମୌସୁମୀ ଦୁର୍ବଲ୍ ରହେବାର୍ ସହେତେ ବର୍ଷାର୍ ମାତ୍ରା କମିଛେ । ସେଆଡ଼େ ଗଲା ୨ ଦିନ୍ ଧରିକରି ତାତି ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍ ବଢ଼ିଛେ ।